# REGIONAL NEWS UNIT, AIR CUTTACK
## Mid-day Bulletin (2.32PM)
### 8 October - 2024
### News Editor : Tapan Kumar Moharana
*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ସମସ୍ତ ଥାନାରେ ସିସିଟିଭି କ୍ୟାମେରା ଲଗାଯିବା ନେଇ ସତ୍ୟପାଠ ଜରିଆରେ ଓଡ଼ିଶା ହାଇକୋର୍ଟଙ୍କୁ ଜଣାଇଲେ ରାଜ୍ୟ ସରକାର
- ନବନିଯୁକ୍ତ ୨୮୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଦାନ କଲେ ନିଯୁକ୍ତିପତ୍ର
- ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ରାଶି ଆସନ୍ତାକାଲି ବଣ୍ଟନ କରିବେ ମୁଖ୍ୟମନ୍ତ୍ରୀ

ଏବଂ

- ପୁରୀ ଶ୍ରୀମନ୍ଦିର ଛତିଶାନିଯୋଗର ବୈଠକ ଆଜି ଅପରାହ୍ଣରେ ହେବ ଅନୁଷ୍ଠିତ

## ଥାନାରେ ଲଗାଯିବ ସିସିଟିଭି କ୍ୟାମେରା

ରାଜ୍ୟର ସମସ୍ତ ଥାନାରେ ଖୁବ୍‌ଶୀଘ୍ର ସିସିଟିଭି କ୍ୟାମେରା ଲଗାଯିବ ବୋଲି ଆଜି ହାଇକୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ବର୍ତ୍ତମାନ ୪୫୬ଟି ଥାନାରେ  ସିସିଟିଭି କ୍ୟାମେରା ଲାଗିଛି। ଆସନ୍ତା ୧୫ ଦିନ ମଧ୍ୟରେ ରାଜ୍ୟର ସବୁ ଥାନାରେ ସିସିଟିଭି କ୍ୟାମେରା ଲଗାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସତ୍ୟପାଠରେ କୁହାଯାଇଛି। ରାଜ୍ୟର ସମସ୍ତ ଜିଲ୍ଲାର ଏସ୍‌ପି ଅଫିସ୍‌ରେ କ୍ୟାମେରା ଲାଗିବା ପାଇଁ ସ୍ଥିର କରାଯାଇଛି। ଭରତପୁର ଥାନାରେ ଘଟିଥିବା ଘଟଣାର ବିଚାର କରି ହାଇକୋର୍ଟ ପୁଲିସ୍‌ର ତଦନ୍ତ ଏବଂ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଥାନା ଭିତରେ ସେନା କର୍ମଚାରୀଙ୍କ ସହ ଉତ୍ତମ ବ୍ୟବହାର ପାଇଁ ରାଜ୍ୟ ସରକାର ଖୁବ୍ ଶୀଘ୍ର ମାର୍ଗଦର୍ଶିକା ଆଣିବେ ବୋଲି ସରକାରଙ୍କ ପକ୍ଷରୁ ସତ୍ୟପାଠରେ କୁହାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୧୨ ତାରିଖକୁ ଧାର୍ଯ୍ୟ କରାଯାଇଛି।

## ମୁଖ୍ୟମନ୍ତ୍ରୀ–ନିଯୁକ୍ତି ପତ୍ର ପ୍ରଦାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ନବନିଯୁକ୍ତ ୨୮୪ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶକ୍ତିବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଓଡ଼ିଶା ଖଣି ନିଗମ ପାଇଁ ମନୋନୀତ ହୋଇଥିବା ପ୍ରାର୍ଥୀଙ୍କୁ ଏହି ନିଯୁକ୍ତିପତ୍ର ବଣ୍ଟନ କରିଥିଲେ। ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡା, ସ୍ୱାସ୍ଥ୍ୟ ଓ

ପରିବାର କଲ୍ୟାଣ, ଶକ୍ତି ଓ ଖଣି ବିଭାଗ ମନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶାର ବିକାଶ ଓ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇଦେବା ଲକ୍ଷ୍ୟରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ନିବନିଯୁକ୍ତ କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ଏନ୍‌ସିଆର୍‌ଟି ପୁସ୍ତକ ପ୍ରକାଶନ ବୃଦ୍ଧି

ଶିକ୍ଷାକୁ ସମାବେଶୀ କରିବା ଏବଂ ପାଠ୍ୟପୁସ୍ତକର ସୁଲଭ ଯୋଗାଣ ଲକ୍ଷ୍ୟରେ ଗତକାଲି କେନ୍ଦ୍ର ସରକାର ଏବଂ ଇ-କମର୍ସ ପ୍ଲାଟଫର୍ମ ଆମାଜନ, ସେଲର୍ସ ପ୍ରାଇଭେଟ୍ ଲିମିଟେଡ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହାଦ୍ୱାରା ଇ-କମର୍ସ ପ୍ଲାଟଫର୍ମ ମୁଦ୍ରିତ ମୂଲ୍ୟରେ ମୂଳ ଏନ୍‌ସିଆର୍‌ଟି ପାଠ୍ୟପୁସ୍ତକର ବଜାର ଉପଲବ୍ଧତାକୁ ସୁନିଶ୍ଚିତ କରିବ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଆସନ୍ତା ଶିକ୍ଷାବର୍ଷରେ ଏନ୍‌ସିଆର୍‌ଟି ପୁସ୍ତକ ପ୍ରକାଶନ ୩ଗୁଣା ବୃଦ୍ଧି କରି ୧୫କୋଟିରେ ପହଞ୍ଚାଇବାକୁ ବିଚାର କରାଯାଉଛି । ପ୍ରଥମଥର ପାଇଁ ହୋଇଥିବା ଏଭଳି ବୁଝାମଣାପତ୍ର  ଦ୍ୱାରା ଦେଶରେ ପ୍ରାୟ ୨୦ହଜାର ପିନ୍‌କୋଡରେ ପୁସ୍ତକ ଉପଲବ୍ଧ ହେବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

# ନିର୍ବାଚନ-ଫଳାଫଳ

ହରିୟାଣା ଏବଂ ଜମ୍ମୁ-କାଶ୍ମୀର ନିର୍ବାଚନର ଭୋଟ ଗଣତି ଚାଲିଛି। ସଦ୍ୟ ସୂଚନା ଅନୁସାରେ, ୯୦ ଆସନବିଶିଷ୍ଟ ହରିୟାଣା ବିଧାନସଭାରେ ଭାରତୀୟ ଜନତା ପାର୍ଟି ପ୍ରଥମ ସ୍ଥାନରେ ରହିଛି। ୫୦ଟି ଆସନରେ ବିଜେପି ବିଜୟଲାଭ କରିଥିବାବେଳେ କଂଗ୍ରେସ ୩୫ଟି ଆସନରେ ବିଜୟୀ

ହୋଇଥିବା ଜଣାପଡିଛି । ସେହିଭଳି ଜମ୍ମୁ-କାଶ୍ମୀର ବିଧାନସଭାରେ କଂଗ୍ରେସ ଏବଂ ନ୍ୟାସନାଲ କନ୍‌ପରେନ୍‌ସ୍ ମେଣ୍ଟ ୫୨ଟି ଆସନରେ ଆଗୁଆ ଥିବାବେଳେ କଂଗ୍ରେସ ପ୍ରାୟ ୨୮ଟି ଆସନରେ ଆଗୁଆ ଥିବା ଜଣାପଡିଛି ।

## ଓପିଏସ୍‌ସିର ନୂତନ ଅଧ୍ୟକ୍ଷ

ଓଡ଼ିଶା ଲୋକସେବା ଆୟୋଗ-ଓପିଏସ୍‌ସିର ନୂତନ ଅଧ୍ୟକ୍ଷ ଭାବରେ ଅରୁଣ କୁମାର ଷଡଙ୍ଗୀ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ସୂଚନାଯୋଗ୍ୟ, ଓପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତିଙ୍କ ଅବସର ପରେ ବରିଷ୍ଠ ସଦସ୍ୟ ଡକ୍ଟର ସରିତା ସୂପକାର ଓପିଏସ୍‌ସିର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିଲେ ।

ଅଧ୍ୟକ୍ଷ ଦାୟିତ୍ୱ ନେବା ପରେ ଓପିଏସ୍‌ସିର ପରୀକ୍ଷା ଓ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି । ଶ୍ରୀ ଷଡଙ୍ଗୀଙ୍କର ସରକାରୀ ଚାକିରି ଆଉ ୧୦ମାସ ଥିବାବେଳେ ଗତକାଲି ସେ ତାଙ୍କ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ । ଆଜି ବିଜୁ ପଟ୍ଟନାୟକ ପୁଲିସ୍ ଟ୍ରେନିଂ ଏକାଡେମୀରେ ଶ୍ରୀ ଷଡଙ୍ଗୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ଜାତୀୟ ଜଳପଥ-ବୈଠକ

ରାଜ୍ୟରେ ନିର୍ମାଣ ହେବାକୁ ଥିବା ଜାତୀୟ ଜଳପଥ ୫କୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଭାରତୀୟ ଅର୍ନ୍ତଦେଶୀୟ ଜଳପଥ ପ୍ରାଧିକରଣ ପକ୍ଷରୁ

ଗତକାଲି ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି । ଧାମରାରୁ ପାରାଦ୍ୱୀପ ଏବଂ ତାଳଚେରରୁ ମଙ୍ଗଳାଗଦି ପର୍ଯ୍ୟନ୍ତ ଜାହାଜ ଚଳାଚଳର ବ୍ୟବସ୍ଥା କରାଯିବ ବୋଲି ବୈଠକରୁ ଜଣାପଡିଛି । ୩ଟି ପର୍ଯ୍ୟାୟରେ ୫୮୮ କିଲୋମିଟର ଜଳପଥ ନିର୍ମାଣ କରାଯିବ । ପ୍ରଥମ ପର୍ଯ୍ୟାୟରେ ତାଳଚେରରୁ ମଙ୍ଗଳାଗଦି, ଦ୍ୱିତୀୟ ପର୍ଯ୍ୟାୟରେ ଧାମରାରୁ ପାରାଦ୍ୱୀପ ଏବଂ ତୃତୀୟ ପର୍ଯ୍ୟାୟରେ ଚାରବାଟିଆରୁ ଗିଅନଖଲି ପର୍ଯ୍ୟନ୍ତ ଜଳପଥ ଉନ୍ନତିକରଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ଜଳଭଣ୍ଡାର-ସ୍ୱୟଂଚାଳିତ ହାଇଡ୍ରୋଲିକ ଗେଟ୍

ଜଳଭଣ୍ଡାର ଗୁଡ଼ିକରେ ଅଧିକ ଜଳ ସଂରକ୍ଷଣ ଲକ୍ଷ୍ୟରେ ସ୍ୱୟଂଚାଳିତ ହାଇଡ୍ରୋଲିକ୍ ଗେଟ୍ ଲଗାଇବାକୁ ରାଜ୍ୟ ଜଳସମ୍ପଦ ବିଭାଗ ନିଷ୍ପତ୍ତି ନେଇଛି । ଆସନ୍ତା ୩ ବର୍ଷ ପାଇଁ ଏ ବାବଦରେ ୨ଶହ ଅଣଚାଳିଶ କୋଟି ୬୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଥିବା ନେଇ ବିଭାଗ ପକ୍ଷରୁ ପ୍ରକାଶିତ ସଂକଳ୍ପପତ୍ରରେ ଦର୍ଶାଯାଇଛି । ଜଳଭଣ୍ଡାରର ସମ୍ପୂର୍ଣ୍ଣ ଜଳଧାରଣ କ୍ଷମତା ଏବଂ ସର୍ବାଧିକ ଜଳସ୍ତର ମଧ୍ୟରେ ଥିବା ପାର୍ଥକ୍ୟକୁ ଦୃଷ୍ଟିରେ ରଖି ଅତିରିକ୍ତ ଜଳ ସଂରକ୍ଷଣ ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ପାନୀୟଜଳ, ଜଳସେଚନ ପରିସୀମା ବୃଦ୍ଧି ଏବଂ ଶିଳ୍ପ କ୍ଷେତ୍ରପାଇଁ ଅତିରିକ୍ତ ସଂରକ୍ଷିତ ଜଳ ବ୍ୟବହାର କରାଯାଇ ପାରିବ ବୋଲି ବିଭାଗ କହିଛି ।

## ସୁଭଦ୍ରା ଯୋଜନା

ଦ୍ୱିତୀୟ ପର୍ଯ୍ୟାୟରେ ୩୫ ଲକ୍ଷ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଅର୍ଥରାଶି ଆସନ୍ତାକାଲି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଗଣମାଧ୍ୟମକୁ କହିଛନ୍ତି। ସେ କହିଛନ୍ତି, ରାଜ୍ୟର ଏକ କୋଟି ୨୦ହଜାର ମହିଳା ଗତକାଲିସୁଦ୍ଧା ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ବାରିପଦାରେ ଦ୍ୱିତୀୟ ପର୍ଯ୍ୟାୟରେ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବଣ୍ଟନ କରିବେ।

# ଛତିଶାନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆଜି ଛତିଶାନିଯୋଗ ବୈଠକ ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକରେ କାର୍ତ୍ତିକମାସ ନୀତି ନିର୍ଘଣ୍ଟ, ହବିଷ୍ୟାଳିଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଅବଢ଼ା ଯୋଜନା ଅଧୀନରେ ଶ୍ରୀମନ୍ଦିର ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରିବା ପ୍ରସ୍ତାବ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି ।

## ଷୋଡଶ ଉପଚାର ପୂଜା

**ଗଞ୍ଜାମ** ଜିଲ୍ଲାର ବିଭିନ୍ନ ଶକ୍ତିପୀଠରେ ମାଆ ଦୁର୍ଗାଙ୍କର ଆଶ୍ୱିନ ମାସ କୃଷ୍ଣପକ୍ଷ ମୂଳାଷ୍ଟମୀଠାରୁ ଷୋଡଶ ଉପଚାର ପୂଜାର ଆରମ୍ଭ ହୋଇଛି। ଅନ୍ୟ କେତେକ ଶକ୍ତିପୀଠରେ ନବରାତ୍ରୀର ପ୍ରଥମ ଦିନରୁ ମା'ଙ୍କର ନୀତିକାନ୍ତି

ସହିତ ପୂଜାର୍ଚ୍ଚନା, ଚଣ୍ଡୀପାଠ, ହୋମଯଜ୍ଞ ଆଦି ଚାଲିଛି। ଜିଲ୍ଲାର ଶକ୍ତିପୀଠଗୁଡ଼ିକ ମଧ୍ୟରେ ସିଦ୍ଧଭୈରବୀ, ମାଆ ନାରାୟଣୀ, ମାଆ ସିଂହାସନୀ, ମାଆ କଲୁଆ, ମାଆ ତାରାତାରେଣୀ ଏବଂ ମାଆ ଖମ୍ବେଶ୍ୱରୀଙ୍କ ପୂଜାର୍ଚ୍ଚନା ନବରାତ୍ର ସମୟରେ ବହୁବର୍ଷ ଧରି ହୋଇଆସୁଛି। ଜିଲ୍ଲାରେ ଦୁର୍ଗାପୂଜାକୁ ନେଇ ଉତ୍ସବମୁଖର ହୋଇଉଠିଥିବା ଗଞ୍ଜାମ ଜିଲ୍ଲାର ପରିବେଶ ସମ୍ପର୍କରେ ଆମ ପ୍ରତିନିଧି ବିଭୂତି ଭୂଷଣ ତ୍ରିପାଠୀ କହିଛନ୍ତି......

# - V/O –

## ପାର୍ବଣ ବୈଠକ

ପାର୍ବଣକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ **ନୟାଗଡ଼** ସଦ୍‌ଭାବନା ଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ପ୍ରଶାସନିକ ଅଧିକାରୀ ଓ ପୁଲିସ୍ ଅଧିକାରୀମାନେ ଯୋଗଦେଇ ପୂଜା ମଣ୍ଡପଗୁଡ଼ିକରେ ଅଗ୍ନି ନିରାପତ୍ତା, ବିଦ୍ୟୁତ ସରବରାହ ଓ ଟ୍ରାଫିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶୋଭାଯାତ୍ରା ସମୟରେ ଆତସବାଜି ପ୍ରଦର୍ଶନ ଉପରେ କଟକଣା କରାଯିବା ସହ ସମସ୍ତ ମୂର୍ତ୍ତିକୁ ଗୋଟିଏ ସ୍ଥାନରେ ବିସର୍ଜନ କରିବା ପାଇଁ ନିଷ୍ପତ୍ତି  ନିଆଯାଇଥିଲା। ବୈଠକରେ ଜିଲ୍ଲାରେ ଅନୁଷ୍ଠିତ ହେଉଥିବା ପୂଜା କମିଟିର ମୁଖ୍ୟମାନେ ଉପସ୍ଥିତ ରହିଥିଲେ ।

## ବନ୍ୟପ୍ରାଣୀ ସପ୍ତାହ

ବାରିପଦା ବନଖଣ୍ଡ ପକ୍ଷରୁ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସମାବେଶରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

# ଜଳବିଦ୍ୟୁତ୍ ଉତ୍ପାଦନ

ରାଜ୍ୟରେ ଜଳବିଦ୍ୟୁତ୍ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଆଯାଉଛି । ପରିବେଶ ଉପଯୋଗୀ ବିଦ୍ୟୁତ୍ ଉତ୍ପାଦନକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ଜଳ, ବାୟୁ ଏବଂ ସୌର ବିଦ୍ୟୁତ୍ ପ୍ରକଳ୍ପକୁ ପ୍ରାଧାନ୍ୟ ଦିଆଯିବ । କଳାହାଣ୍ଡି ଏବଂ ମାଲକାନଗିରିରେ ଜଳବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଏଚ୍‌ପିସି ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଶକ୍ତିକ୍ଷେତ୍ରରେ ସ୍ଥାୟୀ ପ୍ରଗତି ଏବଂ ସବୁଜ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

## ପାଣିପାଗ

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ପରିଚଳନ ବର୍ଷାଯୋଗୁଁ ଗତ ୨ ଦିନ ହେଲା ରାଜ୍ୟରେ ମେଘୁଆ ପାଗ ରହିଥିଲା । ଆଜି ତାପମାତ୍ରାରେ ବୃଦ୍ଧି ଘଟିଥିଲେ ହେଁ ଆକାଶ ମେଘାଚ୍ଛନ୍ନ ରହିବା ସହ କଟକ-ଭୁବନେଶ୍ୱର ସମେତ ରାଜ୍ୟର କିଛି ଅଞ୍ଚଳରେ ହାଲୁକା ବର୍ଷା ହୋଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ବରଗଡ଼, ନୂଆପଡା ଏବଂ ଉତ୍ତର ଉପକୂଳ ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

*******************************